
# ଜାତୀୟ ପ୍ରାଣୀ ରୋଗ (ଫାଟୁଆ) ନିୟନ୍ତ୍ରଣ କାର୍ଯ୍ୟକ୍ରମ

ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ (NADCP) ଫାଟୁଆ ଏବଂ ବ୍ରୁସେଲୋସିସ୍ ରୋଗ ନିୟନ୍ତ୍ରଣ ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ୧୧ ସେପ୍ଟେମ୍ବର, ୨୦୧୯ ରେ ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି | ଏହି କାର୍ଯ୍ୟକ୍ରମରେ ସମସ୍ତ ଗାଈ, ବଳଦ, ଛେଳି, ମେଣ୍ଢା ଏବଂ ଘୁଷୁରୀକୁ ଫାଟୁଆ (FMD) ପାଇଁ ଏବଂ ବ୍ରୁସେଲୋସିସ୍ ପାଇଁ ୪-୮ ମାସ ବୟସର ସମସ୍ତ ମାଈ ବାଛୁରୀକୁ ଟୀକା କରଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି | କାର୍ଯ୍ୟକ୍ରମର ମୋଟ ବ୍ୟୟ ଆକଳନ ପାଞ୍ଚ ବର୍ଷ (୨୦୧୯-୨୦ ରୁ ୨୦୨୩-୨୪) ପାଇଁ ୧୩,୩୪୩/- କୋଟି କରାଯାଇଛି |




**ଯୋଗାଯୋଗ**

ଅନ୍ତର୍ରାଷ୍ଟ୍ରୀୟ ଫାଟୁଆ ରୋଗ କେନ୍ଦ୍ର

ଅରୁଗୁଳ, ଭୁବନେଶ୍ୱର, ଓଡ଼ିଶା – ୭୫୨୦୫୦

ଦୂରାଭାଷ - ୦୬୭୪-୨୬୦୧୧୦୪/୨୬୦୧୧୦୫

Email: sic.icfmd@gmail.com, director.dfmd@gmail.com

ଭାରତର ୫୧୨ ନିୟୁତ ପଶୁ ସମ୍ପଦ ମଧ୍ୟରେ ୧୯୦ ନିୟୁତ ଗୋରୁ, ୧୧୦ ନିୟୁତ ମଇଁଷି, ୧୩୫ ନିୟୁତ ଛେଳି, ୬୫ ନିୟୁତ ମେଣ୍ଢା ଏବଂ ୧୦ ନିୟୁତ ଘୁଷୁରୀ ଅନ୍ତର୍ଭୁକ୍ତ। ଯଦିଓ, ଭାରତ ବିଶ୍ୱ ସ୍ତରରେ ୧୭୬.୩୫ ନିୟୁତ ମେଟ୍ରିକ୍ ଟନ୍ ଉତ୍ପାଦନ ସହିତ ଗୁରୁତ୍ୱପୂର୍ଣ୍ଣ ଦୁଗ୍ଧ ଉତ୍ପାଦନକାରୀ ଦେଶ ଅଟେ, ପଶୁପାଳନ କ୍ଷେତ୍ରରେ ଏହାର ପୂର୍ଣ୍ଣ ସମ୍ଭାବନାକୁ ଯଥାର୍ଥ କରିବାରେ ପଶୁ ରୋଗର ପ୍ରାଦୁର୍ଭାବ ଏକ ଗୁରୁତର ପ୍ରତିବନ୍ଧକ ଅଟେ | ଏହି ରୋଗଗୁଡିକ ମଧ୍ୟରୁ ଫାଟୁଆ ରୋଗ କାରଣରୁ ବହୁତ କ୍ଷତି ହୋଇଥାଏ | ଫାଟୁଆ ରୋଗ ହେଉଛି ଗାଈ, ବଳଦ, ଛେଳି, ମେଣ୍ଢା ଏବଂ ଘୁଷୁରୀ ଇତ୍ୟାଦି ପ୍ରାଣୀମାନଙ୍କର ଏକ ସଂକ୍ରାମକ ଭୁତାଣୁ ଜନିତ ରୋଗ | ଫାଟୁଆ ରୋଗରେ କେବଳ ଦୁଗ୍ଧ ଉତ୍ପାଦନ ଏବଂ ପ୍ରାଣୀଜ ଦ୍ରବ୍ୟର ବାଣିଜ୍ୟରେ ହ୍ରାସ ନୁହେଁ ବରଂ ବନ୍ଧ୍ୟାକରଣ, ପଶୁମାନଙ୍କର ପ୍ରଜନନ କ୍ଷମତା ଏବଂ ଚର୍ମର ଗୁଣବତ୍ତା ହ୍ରାସ ହେବା ସହିତ ସେମାନଙ୍କର କାର୍ଯ୍ୟକ୍ଷମତାରେ ମଧ ହ୍ରାସ ହୋଇଥାଏ | ଫାଟୁଆ ରୋଗର ଦୃଶ୍ୟମାନ ଲକ୍ଷଣ ମଧ୍ୟରେ ଉଚ୍ଚ ଜ୍ୱର (୧୦୪-୧୦୬° ଫାରେନ୍ହାଇଟ୍), ଭୋକ ଏବଂ ଦୁର୍ବଳତା, ଅତ୍ୟଧିକ ଲାଳ, ପାଟିରେ ଏବଂ ଜିଭରେ ଫୋଟକା ହୋଇଥାଏ, ଖୁରାରେ ଘା' ଏବଂ କ୍ଷତ



ସୃଷ୍ଟି କରେ, ଟୀରରେ ଫୁଲା ଓ ଘା' ମଧ ହୋଇଥାଏ | ଏହି ରୋଗ ହେତୁ ବହୁତ ଆର୍ଥିକ କ୍ଷତି ହୋଇଥାଏ ଯାହାକି ପଶୁମାନଙ୍କର ଜୀବନର ଏକ ଲମ୍ବା ସମୟ ପର୍ଯ୍ୟନ୍ତ ଜାରି ରହିଥାଏ | ଫାଟୁଆ ରୋଗ ଯୋଗୁଁ ବାର୍ଷିକ ହାରାହାରି ୨୦,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତି ସହିବାକୁ ପଡ଼ିଥାଏ | ତେଣୁ ଦେଶର ସମସ୍ତ ଗାଈ, ବଳଦ, ଛେଳି, ମେଣ୍ଢା ଏବଂ ଘୁଷୁରୀର ଟୀକାକରଣ ଦ୍ୱାରା ଫାଟୁଆ ରୋଗକୁ ନିୟନ୍ତ୍ରଣ କରିବା ସମ୍ଭବପର ହୋଇପାରିବ । ଫାଟୁଆ ରୋଗରେ ଦୁଗ୍ଧ ଉତ୍ପାଦନ ହ୍ରାସ, ଅଭିବୃଦ୍ଧି ହାର ହ୍ରାସ, ବନ୍ଧ୍ୟାକରଣ, ବଳଦର କାର୍ଯ୍ୟ କ୍ଷମତା ହ୍ରାସ, ଆନ୍ତର୍ଜାତୀୟ ବଜାରରେ ବାଣିଜ୍ୟ ପ୍ରତିବନ୍ଧକ ଦେଖାଯାଇଥାଏ | ଅର୍ଥନୈତିକ ପ୍ରଭାବ ଦୃଷ୍ଟିରୁ ଏହା ପଶୁମାନଙ୍କର ସବୁଠାରୁ ଏକ ଗୁରୁତର ରୋଗ, ଯାହାର ନିୟନ୍ତ୍ରଣ ଏବଂ ମୂଳୋତ୍ପାଟନ ପାଇଁ ସର୍ବଭାରତୀୟ ସ୍ତରରେ ଏହା ପ୍ରଥମ ରୋଗ ଭାବରେ ସ୍ୱୀକୃତିପ୍ରାପ୍ତ |

ସଂକ୍ରମିତ ପ୍ରାଣୀ, ସଂକ୍ରମିତ ଖାଦ୍ୟ ଏବଂ ଜଳ ମାଧ୍ୟମରେ, ପଶୁମାନଙ୍କର ସ୍ଥାନାନ୍ତରଣ ଏବଂ ଏରୋସୋଲ୍ ମାଧ୍ୟମରେ ଫାଟୁଆ ରୋଗ ବ୍ୟାପିବାରେ ସାହାଯ୍ୟ କରିଥାନ୍ତି | ପଶୁ ସଂକ୍ରମିତ ହେବା ପରେ ତୁରନ୍ତ କୌଣସି ଚିକିତ୍ସା ହୋଇପାରିବ ନାହିଁ। ସଂକ୍ରମିତ ପଶୁକୁ ଅଲଗା କରାଯିବା ଏବଂ ଲକ୍ଷଣାତ୍ମକ ଚିକିତ୍ସା ଦିଆଯିବା ତଥା ଉପଯୁକ୍ତ ଜୀବାଣୁ ନାଶକ ସହିତ ଗୁହାଳ ସଫା କରିବାକୁ ପଡ଼ିଥାଏ | ନିୟମିତ ୬ ମାସ ବ୍ୟବଧାନରେ ପଶୁମାନଙ୍କର ଟୀକାକରଣ ଦ୍ୱାରା ଫାଟୁଆ ରୋଗ ର ନିୟନ୍ତ୍ରଣ କରାଯାଇପାରିବ | ଏହା ଦେଶରୁ ଧୀରେ ଧୀରେ ଏହି ରୋଗର ବିଲୋପ ପାଇଁ ବାଟ ଖୋଲିବ।



**କାର୍ଯ୍ୟକ୍ରମର ଉଦ୍ଦେଶ୍ୟ :-**

- ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମରର ଲକ୍ଷ୍ୟ ହେଉଛି ଫାଟୁଆର ଟୀକାକରଣ ଦ୍ୱାରା ୨୦୨୫ ସୁଦ୍ଧା ଫାଟୁଆ ରୋଗ କୁ ନିୟନ୍ତ୍ରଣ କରିବା ଏବଂ ୨୦୩୦ ସୁଦ୍ଧା ଏହାର ବିଲୋପ |
- ଫାଟୁଆ ରୋଗ ପାଇଁ ଜାତୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ହେଉଛି ଏକ କେନ୍ଦ୍ରୀୟ ପ୍ରାୟୋଜିତ କାର୍ଯ୍ୟକ୍ରମ ଯେଉଁଠାରେ ସଂପୂର୍ଣ ପାଣ୍ଠି ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ କୁ କେନ୍ଦ୍ର ସରକାର ଯୋଗାଇ ଦେବେ।

**NADCP କାର୍ଯ୍ୟକ୍ରମ ଅଧୀନରେ ପ୍ରମୁଖ କାର୍ଯ୍ୟକଳାପ :-**

- ✓ ସମସ୍ତ ଗାଈ, ବଳଦ, ଛେଳି, ମେଣ୍ଢା ଏବଂ ଘୁଷୁରୀର ଛଅ ମାସ ବ୍ୟବଧାନରେ ଟୀକାକରଣ
- ✓ ଟୀକାକରଣର ଏକ ମାସ ପୂର୍ବରୁ କୃମିନାଶନ
- ✓ ବାଛୁରୀର ପ୍ରାଥମିକ ଟୀକାକରଣ (୪-୫ ମାସ ବୟସ)
- ✓ କାନ-ଟ୍ୟାଗିଂ, ପଞ୍ଜୀକରଣ ଏବଂ ତଥ୍ୟ ଅପଲୋଡ୍ କରି ପ୍ରାଣୀମାନଙ୍କର ଚିହ୍ନଟ
- ✓ ପଶୁ ସ୍ୱାସ୍ଥ୍ୟ କାର୍ଡ ଏବଂ ଟୀକାକରଣର ରେକର୍ଡ ରଖିବା
- ✓ ପଶୁର ରକ୍ତରେ ଆଣ୍ଟିବଡିର ମାତ୍ରା ନୀରିକ୍ଷଣ ମନିଟରିଂ
- ✓ ଟୀକା ସଂରକ୍ଷଣ ଏବଂ ଟୀକାକରଣ ପାଇଁ ଭିତ୍ତିଭୂମିର ବିକାଶ
- ✓ ଅନୁସନ୍ଧାନ, ଜୀବାଣୁ ଉଦ୍ଧାର ଏବଂ ଏହାର ପ୍ରକାର ନିର୍ଣ୍ଣୟ କରିବା
- ✓ ପଶୁମାନଙ୍କର ଗତିବିଧି ରେକର୍ଡିଂ / ନିୟନ୍ତ୍ରଣ

- ✓ ଟୀକାକରଣର ପୂର୍ବ ଏବଂ ପରବର୍ତ୍ତୀ ସମୟର ରକ୍ତ ନମୁନାଗୁଡ଼ିକର ପରୀକ୍ଷା
- ✓ ଏହି କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ପାଇଁ ଜାତୀୟ, ରାଜ୍ୟ, ବ୍ଲକ ଏବଂ ଗ୍ରାମୀଣ ସ୍ତରରେ ପ୍ରଚାର ଏବଂ ଜନସଚେତନତା ଅଭିଯାନ

**ଟୀକା ଏବଂ ଟୀକାକରଣ :-**

ନିୟମିତ ୬ ମାସ ବ୍ୟବଧାନରେ ସମସ୍ତ ପଶୁମାନଙ୍କର ଟୀକାକରଣ ଦ୍ୱାରା ଫାଟୁଆ ରୋଗର ନିୟନ୍ତ୍ରଣ କରାଯାଇପାରିବ | ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଗାଈ, ବଳଦ, ଛେଳି, ମେଣ୍ଢା ଏବଂ ଘୁଷୁରୀ ମାନଙ୍କର ସଂପୂର୍ଣ୍ଣ ଟୀକାକରଣ । ଗାଈ ଏବଂ ବାଛୁରୀର ପ୍ରାଥମିକ ଟୀକାକରଣ ୪ ରୁ ୫ ମାସ ବୟସରେ କରାଯିବ। ପୁନର୍ବାର ଟୀକାକରଣ ବର୍ଷରେ ଦ୍ୱିତୀୟ ଥର (ଛଅ ମାସର ବ୍ୟବଧାନ) କରାଯିବ | ପ୍ରତ୍ୟେକ ଟୀକାକରଣ କାର୍ଯ୍ୟକ୍ରମର ଅବଧି ସର୍ବାଧିକ ୩୦ ଦିନ ହେବ | ସମଗ୍ର ଦେଶରେ ଏକ ସମୟରେ ଟୀକାକରଣ ସଂପୂର୍ଣ୍ଣ କରିବା ଉଚିତ| କିନ୍ତୁ ସାରା ଦେଶରେ ସମକାଳୀକ ରୂପେ ଟୀକାକରଣ ନହେବା ପର୍ଯ୍ୟନ୍ତ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ ପ୍ରତ୍ୟେକ ଆର୍ଥିକ ବର୍ଷ ଆରମ୍ଭରେ ସେମାନଙ୍କର ପୂର୍ବରୁ ସ୍ଥିର ହୋଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଟୀକା ପ୍ରଦାନ କରିପାରନ୍ତି | ଟୀକାକରଣ ପାଇଁ ଟୀକା ଏବଂ ଅନ୍ୟାନ୍ୟ ସାମଗ୍ରୀ କ୍ରୟ ପାଇଁ ଭାରତ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ।

**ପରଜୀବୀ ନିୟନ୍ତ୍ରଣ :-**

ଟୀକାକରଣ ପୂର୍ବରୁ କୃମିନାଶନ ଭଲ ପ୍ରତିରକ୍ଷା ପ୍ରତିକ୍ରିୟା ପାଇବାରେ ସାହାଯ୍ୟ କରେ | ଏହା ବର୍ଷକୁ ଦୁଇଥର ବିଶେଷତଃ ଟୀକାକରଣ କାର୍ଯ୍ୟକ୍ରମର ୩-୪ ସପ୍ତାହ ପୂର୍ବରୁ କରାଯାଏ |

| ଭାରତରେ ବ୍ୟବହୃତ ଟୀକାର ପ୍ରକାରଭେଦ | | | | |
|---|---|---|---|---|
| ପ୍ରସ୍ତୁତକାରୀ | ଟୀକାର ନାମ | ପ୍ରକାର | ଷ୍ଟ୍ରେନ୍/ ଉପପ୍ରକାର | ଆଡଜୁଭାଣ୍ଟ |
| Biovet Private Ltd. | BioFMD-Oil Vaccine | Killed | O, A, Asia-1 | Oil |
| Brilliant Bio Pharma Ltd. | FUTVAC | Killed | O, A, Asia-1 | Oil |
| Indian Immunologicals Ltd. | Raksha Triovac (FMD, HS, BQ) | Killed | O, A, Asia-1 | Oil |
| | Raksha Biovac (FMD, HS) | Killed | O, A, Asia-1 | Oil |
| | Raksha Ovac | Killed | O, A, Asia-1 | Oil |

**ପଶୁ ପରିଚୟ ଏବଂ ପଶୁ ସ୍ୱାସ୍ଥ୍ୟ କାର୍ଡ :-**

ଜାତୀୟ ଦୁଗ୍ଧ ବିକାଶ ବୋର୍ଡ (NDDB) ଏବଂ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ କାର୍ଯ୍ୟକାରୀ ସଂସ୍ଥା / ପଶୁପାଳନ ବିକାଶ ବୋର୍ଡ INAPH (ପଶୁ ଉତ୍ପାଦନ ଏବଂ ସ୍ୱାସ୍ଥ୍ୟ ପାଇଁ ସୂଚନା ନେଟୱାର୍କ ) ପଶୁ ସ୍ୱାସ୍ଥ୍ୟ ମଡ୍ୟୁଲ୍ ଏବଂ କାନ ଟ୍ୟାଗିଂ ମାଧ୍ୟମରେ ସମସ୍ତ ତଥ୍ୟ ହାସଲ କରିବେ | ବ୍ୟକ୍ତିଗତ ସ୍ତରରେ ପଶୁ ସ୍ୱାସ୍ଥ୍ୟ କାର୍ଡ କୃଷକ / ପଶୁ ମାଲିକମାନଙ୍କୁ ସେମାନଙ୍କ ସ୍ତରରେ ଏକ ରେକର୍ଡ ରଖିବାକୁ ଦିଆଯିବ | INAPH ର ପଶୁ ସ୍ୱାସ୍ଥ୍ୟ ମଡ୍ୟୁଲ୍ କାର୍ଯ୍ୟକାରୀ କରିବାର ଧାର୍ଯ୍ୟ ଲକ୍ଷ୍ୟ ହେଉଛି ଟୀକାକରଣ ବୃଦ୍ଧି କରିବା ଏବଂ କ୍ଷେତ୍ରୀୟ-ଜ୍ଞାନ ତଥ୍ୟ ଦେବା ସହିତ କାନ-ଟ୍ୟାଗ୍ ହୋଇଥିବା ଏବଂ ପଞ୍ଜୀକୃତ ହୋଇଥିବା ସମସ୍ତ ପ୍ରାଣୀମାନଙ୍କର ଅନୁସନ୍ଧାନକୁ ନିଶ୍ଚିତ କରିବା | INAPH ମଡ୍ୟୁଲ୍ ଅନ୍ତର୍ଗତ ବିଭିନ୍ନ ଯୋଜନା ଅଧୀନରେ ପୂର୍ବରୁ ଟ୍ୟାଗ୍ ହୋଇଥିବା ପଶୁମାନଙ୍କୁ ଆଉ ଟ୍ୟାଗ୍ କରାଯିବ ନାହିଁ | FMDCP ପାଇଁ INAPH ମଡ୍ୟୁଲରେ ଉପଲବ୍ଧ ତଥ୍ୟ ବିଭାଗର ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକ୍ରମ / ଯୋଜନା ପାଇଁ ମଧ୍ୟ ବ୍ୟବହୃତ ହୋଇପାରେ | ଟ୍ୟାଗିଂ କାର୍ଯ୍ୟସୂଚୀ ଟୀକାକରଣ କାର୍ଯ୍ୟସୂଚୀ ସହିତ ମେଳ ଖାଇବା ଉଚିତ |

**ଗୁରୁ ପ୍ରଶିକ୍ଷକମାନଙ୍କର ତାଲିମ :-**

INAPH ର ପଶୁ ସ୍ୱାସ୍ଥ୍ୟ ମଡ୍ୟୁଲ୍ ବ୍ୟବହାର ପାଇଁ NDDB ରେ INAPH ଜିଲ୍ଲା ସ୍ତରରେ "ଅଭିଜ୍ଞ ପ୍ରଶିକ୍ଷକ" ସୃଷ୍ଟି କରିବ | INAPH ସହିତ ଜଡିତ କାର୍ଯ୍ୟକଳାପ ପାଇଁ ଜିଲ୍ଲା ସ୍ତରରେ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣକୁ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ ବିଭାଗ ସୁନିଶ୍ଚିତ କରିବ | ଟୀକାକରଣକାରୀଙ୍କ ପାଇଁ ଆବଶ୍ୟକ ତାଲିମ, କାନ ଟ୍ୟାଗିଂ ଏବଂ ପଞ୍ଜୀକରଣ ସହିତ ଜଡିତ କର୍ମଚାରୀ ତଥା କ୍ଷେତ୍ରର INAPH ର ପଶୁ ସ୍ୱାସ୍ଥ୍ୟ ମଡ୍ୟୁଲରେ ବ୍ୟକ୍ତିଗତ ପଶୁଙ୍କ ଟୀକାକରଣ ତଥ୍ୟ ପ୍ରବେଶ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ ବିଭାଗ ଦ୍ୱାରା ନିଶ୍ଚିତ ହେବ |

**ଚେକ୍ ପୋଷ୍ଟଗୁଡିକର ପ୍ରତିଷ୍ଠା / ସଶକ୍ତିକରଣ :-**

ଫାଟୁଆ ରୋଗ ହେଉଛି ଏକ ସୀମା ସରହ ନ ମାନିବା ପ୍ରାଣୀ ରୋଗ | ତେଣୁ ପ୍ରାଣୀ କିମ୍ବା ପଶୁ ଉତ୍ପାଦର ଦେଶ କିମ୍ବା ଆନ୍ତ ରାଜ୍ୟରେ ପ୍ରବେଶକୁ ନିୟନ୍ତ୍ରଣ କରିବା ପାଇଁ ପ୍ରାଣୀ ଚିକିତ୍ସା ସୀମା ଯାଞ୍ଚ ପୋଷ୍ଟ ସ୍ଥାପନ କରାଯିବା ଉଚିତ | ଚେକ୍ ପୋଷ୍ଟ ଗଠନ କିମ୍ବା ମଜବୁତ କରିବା ପାଇଁ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ କାର୍ଯ୍ୟକାରୀ ସଂସ୍ଥା / ପଶୁପାଳନ ବିକାଶ ବୋର୍ଡକୁ କେନ୍ଦ୍ର ତରଫରୁ ଅର୍ଥ ପ୍ରଦାନ କରାଯାଇଛି | ଏହି ଚେକ୍ ପୋଷ୍ଟ ଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ମାନବ ସମ୍ବଳ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ ସରକାର ପ୍ରଦାନ କରିବେ | ପଶୁ ଗତିବିଧି କରିଡରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଏବଂ ପ୍ରାଣୀ ଚିକିତ୍ସାଳୟ / ଡିସପେନସାରି ଇତ୍ୟାଦି ନିକଟରେ ଏକ ଚେକ୍ ପୋଷ୍ଟ ପ୍ରତିଷ୍ଠା କରିବା ଉଚିତ |

**ପ୍ରଚାର ଏବଂ ସଚେତନତା :-**

ଏହି କାର୍ଯ୍ୟକ୍ରମ ବିଷୟରେ ବ୍ୟାପକ ପ୍ରଚାର ପ୍ରସାର କରାଯିବା ଉଚିତ ଯାହା ଦ୍ୱାରା ଟୀକାକରଣ, ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧର ବାର୍ତ୍ତା ହିତାଧିକାରୀଙ୍କ ନିକଟରେ ପହଞ୍ଚିବ | ଏହା ଗ୍ରାମୀଣ ଅର୍ଥନୀତିରେ ଫାଟୁଆ ରୋଗର ନକାରାତ୍ମକ ଆର୍ଥିକ ପ୍ରଭାବକୁ ପରୋକ୍ଷ ରୂପେ ପ୍ରତିରୋଧ କରିବ। ଉଭୟ ପ୍ରିଣ୍ଟ ଏବଂ ଇଲେକ୍ଟ୍ରୋନିକ୍ ମିଡିଆ (ଟେଲିଭିଜନ୍, ରେଡିଓ, କମ୍ୟୁନିଟି ରେଡିଓ, ଖବରକାଗଜ- ପୋଷ୍ଟର-ଲିଫଲେଟ୍-ୱାଲ୍ ପେଣ୍ଟିଂ ବ୍ୟାନର) ଇତ୍ୟାଦି ସାଧାରଣ ସଚେତନତା ତଥା ବିଜ୍ଞପ୍ତି ଦିଆଯାଇଥିବା ଟୀକାକରଣ ସୂଚୀ, ବିଶେଷକରି ଟୀକାକରଣ ତାରିଖ, ଗତିବିଧି ନିୟନ୍ତ୍ରଣ ପାଇଁ ବ୍ୟବହୃତ ହେବ | ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ହିତାଧିକାରୀଙ୍କ ପୂର୍ଣ୍ଣ ସହଯୋଗ ଗୁରୁତ୍ୱପୂର୍ଣ୍ଣ | ସମ୍ପ୍ରଦାୟରେ କାର୍ଯ୍ୟକ୍ରମର ଗ୍ରହଣୀୟତା ବୃଦ୍ଧି କରିବା ପାଇଁ ବେସରକାରୀ ଏଜେନ୍ସି / ରାଜ୍ୟ ସମବାୟ ସମିତି / ଏନଜିଓ ମାନଙ୍କର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ |

*************


ଦ୍ୱାରା ପ୍ରସ୍ତୁତ

ଡ଼ା. ଏନ୍ ଆର୍ ସାହୁ, ଡ଼ା. ଏମ୍ ରାଉତ, ଡ଼ା. ଜେ କେ ମହାପାତ୍ର, ଡ଼ା. ଏସ୍ ଏସ୍ ଦହିୟା, ଡ଼ା. ଜେ କେ ବିଶ୍ୱାଳ, ଡ଼ା. ଏସ୍ ମଲ୍ଲିକ, ଡ଼ା. ଆର୍ ରଞ୍ଜନ, ଡ଼ା. ଏମ୍ ସାହୁ ଏବଂ ଡ଼ା. ଆର୍ ପି ସିଂହ



୨୦୨୨

ଦ୍ୱାରା ପ୍ରକାଶିତ

ଭା.କୃ.ଅନୁ.ପ.-ଫାଟୁଆ ରୋଗ ନିର୍ଦ୍ଦେଶାଳୟ
ଅନ୍ତର୍ରାଷ୍ଟ୍ରୀୟ ଫାଟୁଆ ରୋଗ କେନ୍ଦ୍ର
(ଏଫଏଓ ରେଫରେନ୍ସ ସେଣ୍ଟର ଫର୍ ଏଫଏମଡ଼ି)
ଅରୁଗୁଳ, ଜଟଣୀ ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା – ୭୫୨୦୫୦